# NATIONAL NEWS BULLETIN (ODIA)

## 27th July - 2024

## Morning Bulletin : 7.15 a.m.

***********************************

ଆକାଶବାଣୀ.....   ସମ୍ବାଦ ପଢୁଛନ୍ତି.....   **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀରେ ବସିବ ନୀତି ଆୟୋଗର ନବମ ବୈଠକ ।
- ଭାରତ ଏବଂ ଆମେରିକା ମଧ୍ୟରେ ସାଂସ୍କୃତିକ ସମ୍ପତ୍ତି ଚୁକ୍ତି ସ୍ୱାକ୍ଷରିତ ।
- ରଙ୍ଗାରଙ୍ଗ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ସହ ଆରମ୍ଭ ହେଲା ପ୍ୟାରିସ୍ ଅଲମ୍ପିକ୍ସ ୨୦୨୪ ।

\- ଭାରତୀୟ କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ ।

- ମହିଳା ଟି-୨୦ ଏସିଆ କପ୍ କ୍ରିକେଟ୍ ଫାଇନାଲରେ ଆସନ୍ତାକାଲି ମୁହାଁମୁହିଁ ହେବେ ଭାରତ ଓ ଶ୍ରୀଲଙ୍କା ।

ଏବଂ

- ତିନି ମ୍ୟାଚ୍ ବିଶିଷ୍ଟ ଟି-୨୦ ଶୃଙ୍ଖଳାର ପ୍ରଥମ ମ୍ୟାଚ୍‌ରେ ଆଜି ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ମୁକାବିଲା ।

# ପିଏମ୍-ଗଭର୍ଣ୍ଣଂ କାଉନ୍‌ସିଲ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନ ସ୍ଥିତ ସାଂସ୍କୃତିକ କେନ୍ଦ୍ରରେ ନୀତିଆୟୋଗର ନବମ ପରିଚାଳନା ପରିଷଦ ବୈଠକରେ ଅଧ୍ୟକ୍ଷତା କରିବେ ।  ଚଳିତ ବର୍ଷ ବୈଠକର ବିଷୟବସ୍ତୁ ହେଉଛି, 'ବିକଶିତ ଭାରତ@୨୦୪୭' । ଯେଉଁଥିରେ ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ଏହି ବୈଠକରେ ବିକଶିତ ଭାରତ ଉପରେ ମଧ୍ୟ ଭିଜନ ଡକ୍ୟୁମେଣ୍ଟ ଉପରେ ଆଲୋଚନା ହେବ । ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳର ଜନସାଧାରଣଙ୍କ ଜୀବନ ଧାରଣାର ମାନ ବୃଦ୍ଧି କରି କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ସହଭାଗି ଶାସନ ଏବଂ ସହଯୋଗକୁ ପ୍ରୋତ୍ସାହନ ଦେବା ହେଉଛି ଏହି ପରିଚାଳନା ପରିଷଦର ବୈଠକର ଉଦ୍ଦେଶ୍ୟ । ଏହି ବୈଠକରେ ବିକଶିତ ଭାରତ ଲକ୍ଷ୍ୟ ହାସଲ କରିବାରେ ରାଜ୍ୟ ଗୁଡ଼ିକର ଭୂମିକା ଉପରେ ମଧ୍ୟ ବିସ୍ତୃତ ଭାବେ ବିଚାର ବିମର୍ଷ ହେବ । ନିତିଆୟୋଗ କହିଛନ୍ତି, ଘରୋଇ ଉତ୍ପାଦ ସହିତ ଭାରତ ବିଶ୍ୱର ତୃତୀୟ ସର୍ବବୃହତ ଅର୍ଥବ୍ୟବସ୍ଥା ହେବାର ପଥରେ ରହିଛି ।

ଏହାର ଜି.ଡି.ପି. ୫ ଟ୍ରିଲିୟନ୍ ଆମେରିକୀୟ ଡଲାର ଅତିକ୍ରମ କରିଛି ଏବଂ

୨୦୪୭ ସୁଦ୍ଧା ୩୦ ଟ୍ରିଲିୟନ୍ ଆମେରିକୀୟ ଡଲାର୍ ଅର୍ଥ

ବ୍ୟବସ୍ଥାରେ ପହଞ୍ଚିବାର ଆକାଂକ୍ଷା ରଖିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ହେଉଛନ୍ତି, ନିତିଆୟୋଗର ଅଧ୍ୟକ୍ଷ । ଅନ୍ୟ ଅଂଶଗ୍ରହଣକାରୀଙ୍କ ମଧ୍ୟରେ  ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀ, ଉପରାଜ୍ୟପାଳ, କେନ୍ଦ୍ର ମନ୍ତ୍ରୀଙ୍କ ସହ ଏକ୍ସ-ଅଫିସିଓ ସଦସ୍ୟ ଏବଂ ସ୍ୱତନ୍ତ୍ର ଆମନ୍ତ୍ରିତ  ଅତିଥିଙ୍କ ସହିତ  ନିତିଆୟୋଗର ଉପାଧ୍ୟକ୍ଷ ଏବଂ ସଦସ୍ୟମାନେ ଏଥିରେ ସାମିଲ ହେବେ ।

# ନୀତି ଆୟୋଗ ବୈଠକ-୨

ନୂଆଦିଲ୍ଲୀରେ ଆଜି ହେବାକୁ ଥିବା ନୀତି ଆୟୋଗ ବୈଠକରେ ପୂର୍ବାଞ୍ଚଳର ସମସ୍ତ ୮ଟି ରାଜ୍ୟର ମୁଖ୍ୟମନ୍ତ୍ରୀ ଯୋଗଦେବେ । ମିଳିଥିବା ସୂଚନା ଅନୁଯାୟୀ ୮ଟିଯାକ ରାଜ୍ୟର ମୁଖ୍ୟମନ୍ତ୍ରୀ ରାଷ୍ଟ୍ରପତି ଭବନରେ ଆୟୋଜିତ ହେବାକୁ ଥିବା ନୀତି ଆୟୋଗର ନବମ ବୈଠକରେ ସାମିଲ ହେବେ । ସେମାନଙ୍କ ମଧ୍ୟରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, ମିଜୋରାମ ମୁଖ୍ୟମନ୍ତ୍ରୀ ଲାଲ ଦୁହୋମା, ମେଘାଳୟ ମୁଖ୍ୟମନ୍ତ୍ରୀ କୋନରାଡ ସାଙ୍ଗ୍‌ମା, ନାଗାଲାଣ୍ଡ ମୁଖ୍ୟମନ୍ତ୍ରୀ ନେଫ୍ୟୁ ରିଓ, ମଣିପୁର ମୁଖ୍ୟମନ୍ତ୍ରୀ ବୀରେନ୍ ମୁଖ୍ୟମନ୍ତ୍ରୀ, ଅରୁଣାଚଳପ୍ରଦେଶ ମୁଖ୍ୟମନ୍ତ୍ରୀ ପ୍ରେମା ଖାଣ୍ଡୁ, ତ୍ରିପୁରା ମୁଖ୍ୟମନ୍ତ୍ରୀ ମାଣିକ ଶାହା ଏବଂ ସିକ୍କିମ ମୁଖ୍ୟମନ୍ତ୍ରୀ ପ୍ରେମ୍ ସିଂହ ତମାଙ୍ଗ ବୈଠକରେ ଯୋଗଦେବେ ।

# ଭାରତ-ଆମେରିକା

ଭାରତ ଏବଂ ଆମେରିକା ମଧ୍ୟରେ ସାଂସ୍କୃତିକ ସମ୍ପତି ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଯୁକ୍ତରାଷ୍ଟ୍ର ଆମେରିକାରେ ଥିବା କୌଣସି ଭାରତୀୟ କଳାକୃତି ଯଦି ଚୋରି ହୁଏ ତେବେ ଏହା ବିରୁଦ୍ଧରେ ଦୁଇ ଦେଶ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ଏହି ଚୁକ୍ତିନାମାରେ ଦର୍ଶା ଯାଇଛି । ଭାରତୀୟ ହସ୍ତଶିଳ୍ପ କଳାକୃତିର ବେଆଇନ୍ ବାଣିଜ୍ୟ କାରବାର ରୋକିବା, ଆମଦାନୀ ରପ୍ତାନୀ ଉପରେ କଟକଣା ରହିବା ଏବଂ ପ୍ରତ୍ନତତ୍ତ୍ୱ ସଂକ୍ରାନ୍ତୀୟ କୌଣସି ସୂଚନାକୁ ବେଆଇନ୍ ଭାବେ ପ୍ରଘଟ କରିବା ଉପରେ ଏହି ଚୁକ୍ତିରେ କାର୍ଯ୍ୟାନୁଷ୍ଠାନ ହେବା ପାଇଁ ଦର୍ଶାଯାଇଛି । ଭାରତ ଓ ଆମେରିକା ମଧ୍ୟରେ ଏଭଳି ଚୁକ୍ତିନାମା ପ୍ରଥମଥର ପାଇଁ ସ୍ୱାକ୍ଷରିତ ହୋଇଛି ।

ନୂଆଦିଲ୍ଲୀରେ ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱେତ୍ ଗଣମାଧ୍ୟମକୁ ସୂଚନା ଦେଇ ଏହି ଚୁକ୍ତିନାମା ଐତିହାସିକ ବୋଲି କହିଛନ୍ତି । ଏହି ଚୁକ୍ତିନାମା ଫଳରେ ଦୁଇ ଦେଶ ମଧ୍ୟରେ ଥିବା ସମ୍ପର୍କ ଦୃଢ଼ିଭୂତ ହେବା ସହ ଆନ୍ତଃ ସାଂସ୍କୃତିକ ସମ୍ପର୍କ ବୃଦ୍ଧି ପାଇବ ବୋଲି କେନ୍ଦ୍ରମନ୍ତ୍ରୀ ଆଶାପ୍ରକଟ କରିଛନ୍ତି । ଗତବର୍ଷ ଜି-୨୦ ସମ୍ମିଳନୀରେ ଏଭଳି ଚୁକ୍ତିନାମା କରିବାକୁ ଦୁଇଦେଶ ମଧ୍ୟରେ ଆଲୋଚନା ହୋଇଥିଲା ।

# ଭାରତ-ଆମେରିକା

ଭାରତ ଏବଂ ଆମେରିକା ମଧ୍ୟରେ ସାଂସ୍କୃତିକ ସମ୍ପତି ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଯୁକ୍ତରାଷ୍ଟ୍ର ଆମେରିକାରେ ଥିବା କୌଣସି ଭାରତୀୟ କଳାକୃତି ଯଦି ଚୋରି ହୁଏ ତେବେ ଏହା ବିରୁଦ୍ଧରେ ଦୁଇ ଦେଶ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ଏହି ଚୁକ୍ତିନାମାରେ ଦର୍ଶା ଯାଇଛି । ଭାରତୀୟ ହସ୍ତଶିଳ୍ପ କଳାକୃତିର ବେଆଇନ୍ ବାଣିଜ୍ୟ କାରବାର ରୋକିବା, ଆମଦାନୀ ରପ୍ତାନୀ ଉପରେ କଟକଣା ରହିବା ଏବଂ ପ୍ରତ୍ନତତ୍ତ୍ୱ ସଂକ୍ରାନ୍ତୀୟ କୌଣସି ସୂଚନାକୁ ବେଆଇନ୍ ଭାବେ ପ୍ରଘଟ କରିବା ଉପରେ ଏହି ଚୁକ୍ତିରେ କାର୍ଯ୍ୟାନୁଷ୍ଠାନ ହେବା ପାଇଁ ଦର୍ଶାଯାଇଛି । ଭାରତ ଓ ଆମେରିକା ମଧ୍ୟରେ ଏଭଳି ଚୁକ୍ତିନାମା ପ୍ରଥମଥର ପାଇଁ ସ୍ୱାକ୍ଷରିତ ହୋଇଛି ।

ନୂଆଦିଲ୍ଲୀରେ ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱେତ୍ ଗଣମାଧ୍ୟମକୁ ସୂଚନା ଦେଇ ଏହି ଚୁକ୍ତିନାମା ଐତିହାସିକ ବୋଲି କହିଛନ୍ତି । ଏହି ଚୁକ୍ତିନାମା ଫଳରେ ଦୁଇ ଦେଶ ମଧ୍ୟରେ ଥିବା ସମ୍ପର୍କ ଦୃଢ଼ିଭୂତ ହେବା ସହ ଆନ୍ତଃ ସାଂସ୍କୃତିକ ସମ୍ପର୍କ ବୃଦ୍ଧି ପାଇବ ବୋଲି କେନ୍ଦ୍ରମନ୍ତ୍ରୀ ଆଶାପ୍ରକଟ କରିଛନ୍ତି । ଗତବର୍ଷ ଜି-୨୦ ସମ୍ମିଳନୀରେ ଏଭଳି ଚୁକ୍ତିନାମା କରିବାକୁ ଦୁଇଦେଶ ମଧ୍ୟରେ ଆଲୋଚନା ହୋଇଥିଲା ।

## ଫ୍ରାନ୍ସ-ଟ୍ରେନ୍ ଆଟାକ

ଫ୍ରାନ୍ସର ପ୍ୟାରିସ୍‌ରେ ଗତକାଲି ଅଲମ୍ପିକ ଉଦ୍‌ଘାଟନୀ ସମାରୋହ ଆରମ୍ଭ ହେବାର କିଛିଘଣ୍ଟା ପୂର୍ବରୁ କିଛି ଦଙ୍ଗାକାରୀଙ୍କ ଦ୍ୱାରା ଅଗ୍ନିକାଣ୍ଡ ସୃଷ୍ଟି କରିବା ଫଳରେ ହାଇସ୍ପିଡ୍ ରେଳ ନେଟୱାର୍କ ସେବା ବାଧାପ୍ରାପ୍ତ ହୋଇଥିଲା । ଫଳରେ ପ୍ରାୟ ୮ଲକ୍ଷ ଲୋକ ଟ୍ରେନ୍‌ଯାତ୍ରା କରିବାରୁ ବଞ୍ଚିତ ହୋଇଥିଲେ । ଫ୍ରାନ୍ସର ସରକାରୀ ରେଳ କମ୍ପାନୀ ଏସ୍.ଏନ୍.ସି.ଏଫ୍ କହିଛି ଏହି ଘଟଣାକୁ ଦୃଷ୍ଟିରେ ରଖି ଅନେକ ଗୁଡ଼ିଏ ଟ୍ରେନ୍‌ର ଗତିପଥ ପରିବର୍ତ୍ତନ କରାଯାଇଛି । କେତେକ ଟ୍ରେନ୍‌କୁ ସମ୍ପୂର୍ଣ୍ଣ ରଦ୍ଦ କରାଯାଇଥିବା ରେଳ କମ୍ପାନୀ ସୂଚନା ଦେଇଛି । ଗତକାଲି ମଧ୍ୟାହ୍ନ ସୁଦ୍ଧା ରେଳସେବା ସ୍ୱାଭାବିକ ହୋଇଥିବା ସୂଚନା ମିଳିଛି । ଏହି ଘଟଣାରେ ଏପର୍ଯ୍ୟନ୍ତ କାହାରିକୁ ଚିହ୍ନଟ କରାଯାଇ ନାହିଁ ।

## ପ୍ୟାରିସ ଅଲମ୍ପିକ୍ସ ଇଣ୍ଟ୍ରୋ

ପ୍ୟାରିସ୍ ଅଲମ୍ପିକ୍ସ ୨୦୨୪ର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଗତ ରାତିରେ ଅନୁଷ୍ଠିତ ହୋଇଯାଇଛି । ପ୍ରବଳ ବର୍ଷା ସତ୍ତ୍ୱେ ବହୁସଂଖ୍ୟାରେ ଦର୍ଶକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ । ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ଅଲମ୍ପିକ୍ସ ଖେଳର ଶୁଭାରମ୍ଭ ଘୋଷଣା କରିଥିଲେ । ତିନିଥରର ଜୁଡୋ ଚାମ୍ପିୟନ ଟେଡି ରିନର ଅଲମ୍ପିକ

ମଶାଲ ପ୍ରଜ୍ୱଳିତ କରିଥିଲେ । ଉଦ୍‌ଘାଟନୀ ସମାରୋହ ଏବଂ ପରେଡ୍‌ରେ ଭାରତ ପକ୍ଷରୁ ପି.ଭି.ସିନ୍ଧୁ ଏବଂ ଶରତ କମଲ ନେତୃତ୍ୱ ନେଇଥିଲେ । ଆୟୋଜିତ ପରେଡ୍‌ରେ ବିଶ୍ୱର ୭ହଜାର ଖେଳାଳି ଭାଗ ନେଇଥିବା ଜଣାପଡିଛି ।

## ପିଏମ୍-ଅଲମ୍ପିକ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ୟାରିସ୍ ଅଲମ୍ପିକ୍ସ ଅବସରରେ ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ପ୍ରତ୍ୟେକ ଖେଳାଳି ଦେଶ ପାଇଁ ଗୌରବ ଅଟନ୍ତି । ସେ କହିଛନ୍ତି ଆମ ଦେଶର ଖେଳାଳିମାନେ ପ୍ୟାରିସ୍ ଅଲମ୍ପିକ୍ସରେ ଉତ୍ତମ ପ୍ରଦର୍ଶନ କରିବେ ।

## ଇଣ୍ଡିଆ-ଅଲମ୍ପିକ୍ସ

ପ୍ୟାରିସ୍ ଅଲମ୍ପିକ୍ସର ଆଜି ପ୍ରଥମ ଦିନରେ ବନ୍ଧୁକ ଚାଳନା ପ୍ରତିଯୋଗିତା ଉପରେ ସମସ୍ତଙ୍କ ନଜର ରହିଛି । ୧୦ମିଟର ଏୟାର ରାଇଫଲ ଦଳଗତ ଇଭେଣ୍ଟର ଯୋଗ୍ୟତା ପର୍ଯ୍ୟାୟରେ ଏଲାବେନିଲ ବଲାରିବନ ଏବଂ ସନ୍ଦିପ ସିଂହ ଓ ରମିତା ଜିନ୍ଦଲ ଏବଂ ଅର୍ଜୁନ ବାବୁଦା ଅପରାହ୍ଣ ସାଢ଼େ ୧୨ଟାରେ ପ୍ରଦର୍ଶନ କରିବେ । ପରେ ଅପରାହ୍ଣ ୨ଟାରେ ୧୦ମିଟର ଏୟାର ପିସ୍ତଲ ଯୋଗ୍ୟତା ପର୍ଯ୍ୟାୟରେ ଅର୍ଜୁନ ସିଂହ

ଚିନ୍ନା ଏବଂ ସରବଜିତ୍ ସିଂହଙ୍କ ପ୍ରଦର୍ଶନ ଦେଖିବାକୁ ମିଳିବ । ସେହିପରି ଅପରାହ୍ଣ ୪ଟାରେ ୧୦ମିଟର ଏୟାର ପିସ୍ତଲ ମହିଳା ଯୋଗ୍ୟତା ପର୍ଯ୍ୟାୟରେ ମନୁ ଭାକଡ ଏବଂ ରିଦିମ ସାଙ୍ଗୱାଲ ଅଭିଯାନ ଆରମ୍ଭ କରିବେ ।

ଅପରାହ୍ଣ ସାଢ଼େ ୧୨ଟାରେ ପୁରୁଷ ଏକକ ପର୍ଯ୍ୟାୟରେ ଭାରତୀୟ ନାବିକ ବଲରାଜ ପାୱାର ପ୍ରତିଯୋଗିତାରେ ଭାଗନେବେ । ଟେନିସ୍‌ରେ ରୋହନ୍ନ ବୋପାନ୍ନା ଏବଂ ଶ୍ରୀରାମ ବାଲାଜୀ ପୁରୁଷ ଡବଲ୍ସର ପ୍ରଥମ ପର୍ଯ୍ୟାୟରେ ଫ୍ରାନ୍ସର ଫେବିଆନ୍ ରେବୋଲ ଏବଂ ଏଡୱାର୍ଡ ରୋଜର ବାସେଲିନ୍‌ଙ୍କ ସହ ଅପରାହ୍ଣ ସାଢ଼େ ୩ଟାରେ ମ୍ୟାଚ୍ ଖେଳିବେ । ବ୍ୟାଡମିଣ୍ଟନରେ ଭାରତର ଲକ୍ଷ୍ୟ ସେନ୍ ଏକକ ପ୍ରଥମ ପର୍ଯ୍ୟାୟରେ ସଂଧ୍ୟା ୭ଟାରେ କେବିନ ଫର୍ଡନଙ୍କ ସହ ପଡ଼ିଆକୁ ଓହ୍ଲାଇବେ । ସେହିପରି ପୁରୁଷ ଡବଲ୍ସରେ ସାତ୍ୱିକ ସାଇରାଜ ରାଙ୍କିରେଡି ଏବଂ ଚିରାଗ ସେଠୀ ରାତି ୮ଟାରେ ମ୍ୟାଚ୍ ଖେଳିବେ । ମହିଳା ଡବଲ୍ସରେ ଅଶ୍ୱିନୀ ପୋନ୍ନାପା ଏବଂ ତନିଶା କ୍ରେଷ୍ଟୋ ରାତି ୧୨ଟାରେ ପ୍ରଥମ ମ୍ୟାଚ୍ ଖେଳିବେ ।

ଟେବୁଲ ଟେନିସ୍‌ରେ ହରମିତ୍ ଦେଶାଇ ସଂଧ୍ୟାରେ ୭ଟାରେ ମ୍ୟାଚ୍ ଖେଳିବାକୁ ଥିବାବେଳେ ହକିରେ ଟୋକିଓ ଅଲମ୍ପିକ୍ସର ବ୍ରୋଞ୍ଜ ପଦକ ବିଜେତା ଭାରତୀୟ ପୁରୁଷ ଦଳ ରାତି ୯ଟାରେ ନ୍ୟୁଜିଲାଣ୍ଡ ସହ ମୁକାବିଲା କରିବ । ବକ୍ସିଂରେ ପ୍ରୀତି ପାୱାର ୫୪କିଲୋଗ୍ରାମ

ବର୍ଗରେ ଭିଏତ୍‌ନାମର କି ଓ୍ୱ ଥି କିମ୍ ଙ୍କ ସହ ରାତି ସାଢ଼େ ୧୧ଟାରେ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି ।

# ଅମରନାଥ ଯାତ୍ରା

ଅମରନାଥ ଗୁମ୍ଫା ଦର୍ଶନ ନିମନ୍ତେ ଆଜି ସକାଳୁ ୧ହଜାର ୭୭୧ ଜଣ ତୀର୍ଥଯାତ୍ରୀ ଜାମ୍ମୁର ଭଗବତୀ ନଗର ମୂଳ ଶିବିରରୁ କାଶ୍ମୀର ଘାଟି ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି । ଆଜି ସକାଳୁ ୬୩ଟି ଦଳରେ ତୀର୍ଥଯାତ୍ରୀମାନେ ଯାଇଛନ୍ତି । ସେମାନଙ୍କ ମଧ୍ୟରେ ୧ହଜାର ୨ଶହ ଅଣସ୍ତରୀ ଜଣ ପୁରୁଷ, ୩୯୮ଜଣ ମହିଳା, ଜଣେ ଶିଶୁ, ୯୩ଜଣ ସାଧୁ ଏବଂ ୧୦ଜଣ ସାଧ୍ୱୀ ଅଛନ୍ତି । ୭୭୨ଜଣ ତୀର୍ଥଯାତ୍ରୀ ବାଲ୍‌ତଲ୍ ମୂଳ ଶିବିରରୁ ଏବଂ ୯୯୯ ଜଣ ତୀର୍ଥଯାତ୍ରୀ ପହଲଗାମ ମୂଳ ଶିବିରରୁ ଯାତ୍ରା ଆରମ୍ଭ କରିଛନ୍ତି ।

# ମହିଳା ଏସିଆ କପ୍

ମହିଳା ଟି-୨୦ ଏସୀଆ କପ୍ କ୍ରିକେଟ୍‌ରେ ଶ୍ରୀଲଙ୍କାର ଦାମ୍ବୁଲାଠାରେ ଆୟୋଜିତ ଦ୍ୱିତୀୟ ସେମିଫାଇନାଲରେ ଶ୍ରୀଲଙ୍କା ପାକିସ୍ତାନକୁ ୩ ଓ୍ୱିକେଟ୍‌ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି । ଆସନ୍ତାକାଲି ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ । ଗତକାଲି ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ୧୪୧ରନ୍‌ର

ପିଛା କରି ଶ୍ରୀଲଙ୍କା ମହିଳା କ୍ରିକେଟ୍ ଦଳ ୩ ଓ୍ୱିକେଟ୍ ଏବଂ ଗୋଟିଏ ବଲ୍ ବାକିଥାଇ ବିଜୟଲକ୍ଷ୍ୟ ହାସଲ କରିଥିଲା । ପ୍ରଥମ ବ୍ୟାଟିଂ କରି ପାକିସ୍ତାନ ନିର୍ଦ୍ଧାରିତ ୨୦ ଓଭରରେ ୪ ଓ୍ୱିକେଟ୍ ବିନିମୟରେ ୧୪୦ରନ୍ ସ୍କୋର କରିଥିଲା ।

ଏହାପୂର୍ବରୁ ପ୍ରଥମ ସେମିଫାଇନାଲରେ ଭାରତ ୧୦ ଓ୍ୱିକେଟ୍‌ରେ ବାଂଲାଦେଶକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି ।

# କ୍ରିକେଟ୍ : ଇଣ୍ଡିଆ-ଶ୍ରୀଲଙ୍କା

ତିନି ମ୍ୟାଚ୍ ବିଶିଷ୍ଟ ଟି-୨୦ ଶୃଙ୍ଖଳାର ପ୍ରଥମ ମ୍ୟାଚ୍‌ରେ ଆଜି ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ମୁକାବିଲା ହେବ । ଭାରତୀୟ ସମୟ ସଂଧ୍ୟା ୭ଟାରେ ଶ୍ରୀଲଙ୍କାର ପାଲକେଲ ଆନ୍ତର୍ଜାତିକ କ୍ରିକେଟ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ । ଗତ ଜୁନ୍ ମାସରେ ଟି-୨୦ ବିଶ୍ୱକପ୍ ଜିତିବା ପରେ ରୋହିତ ଶର୍ମା, ବିରାଟ କୋହଲି ଏବଂ ରବୀନ୍ଦ୍ର ଜାଡେଜା ଟି-୨୦ ଆନ୍ତର୍ଜାତିକ ମ୍ୟାଚ୍‌ରୁ ସନ୍ୟାସ ନେଇଥିବାବେଳେ ରାହୁଲ ଦ୍ରାବିଡ ପ୍ରଶିକ୍ଷକ ପଦରୁ ସନ୍ୟାସ ନେଇଥିଲେ । ଏବେ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଏବଂ ମୁଖ୍ୟ ପ୍ରଶିକ୍ଷକ ଭାବେ ଗୌତମ ଗମ୍ଭୀରଙ୍କୁ ନେଇ ଭାରତ ଔପଚାରିକ ଭାବେ ମ୍ୟାଚ୍ ଖେଳିବ । ଅନ୍ୟପକ୍ଷରେ ଶ୍ରୀଲଙ୍କା ଚରିତ ଆଶଲଙ୍କାଙ୍କ ନେତୃତ୍ୱରେ ଓ ସନଥ ଜୟସୁରିୟାଙ୍କ ପ୍ରଶିକ୍ଷଣରେ ମ୍ୟାଚ୍ ଖେଳିବ ।